# ରାଉରକେଲା ମହାନଗର ନିଗମ, ଉଦିତ୍‌ନଗର, ରାଉରକେଲା

## ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା (ଟ୍ରାଫିକ୍ ଗେଟ୍ ନିକଟ)ରେ ଥିବା ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)

ସଂଖ୍ୟା : ୧୭୦୨୫ | ତାରିଖ : ୨୭-୧୨-୨୦୨୨

**ରାଉରକେଲା ମହାନଗର ନିଗମ, ରାଉରକେଲା** ଅନ୍ତର୍ଗତ ଟ୍ରାଫିକ୍ ଗେଟ୍ ନିକଟରେ ଥିବା ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରୁ ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ **ତା ୦୩-୦୧-୨୦୨୩ରିଖ, ଅପରାହ୍ଣ ୪ ଘଟିକା** ସୁଦ୍ଧା ଦାଖଲ କରିପାରିବେ ।

ଟେକ୍ନିକାଲ୍ ବିଡ୍ ରାଉରକେଲା ମହାନଗର ନିଗମ ସଭାଗୃହରେ **ତା ୦୩-୦୧-୨୦୨୩ ରିଖ, ଅପରାହ୍ଣ ୪.୩୦ ଘଟିକା** ରେ ଖୋଲାଯିବ। ମୁଦା ଲଫାଫା ଉପରେ **"ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଟ୍ରାଫିକ୍ ଗେଟ୍ ନିକଟରେ ଥିବା ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)"** ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ। ଏହି ଅଭିବ୍ୟକ୍ତି ପ୍ରକାଶନ ର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍ ସାଇଟ୍ ରେ ମିଳିପାରିବ।

ୱେବ୍ ସାଇଟ୍ : www.rmc.nic.in

ଆୟୁକ୍ତ
ରାଉରକେଲା ମହାନଗର ନିଗମ

ପରିପତ୍ର ସଂଖ୍ୟା : ୧୭୦୨୬ | ତାରିଖ: ୨୭-୧୨-୨୦୨୨

- ଏହାର ଏକ କିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କୁ ଏକ ବହୁଳ ପ୍ରସାରିତ ଦୈନିକ ଓଡିଆ ଖବର କାଗଜ (ରାଉରକେଲା ସଂସ୍କରଣ)ରେ ତା ୨୭-୧୨-୨୦୨୨.... ରିଖ ପ୍ରକାଶନ ପାଇଁ ଅନୁରୋଧ କରାଗଲା । ବିଜ୍ଞାପନର ଅକ୍ଷରର ଆକାର ୮ ପଏଣ୍ଟ ରହିବା ଆବଶ୍ୟକ ଏବଂ ଏହାର ମୂଲ୍ୟ ବିଭାଗର ନିର୍ଦ୍ଧାରିତ ମୂଲ୍ୟରେ ହେବା ଉଚିତ୍ ।
- ଏହି ବିଜ୍ଞପ୍ତିର ଏକ କିତା ନକଲ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଏହାର ଏକ କିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ - ସିଭିଲ ଟାଉନସିପ୍, ଉଦିତନଗର ଓ ଶିଳ୍ପାଞ୍ଚଳ / ଗୋଷ୍ଠୀ ସଙ୍ଗଠିକାଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।
- ଏହାର ଏକ କିତା ନକଲ MIS Programmer, www.rmc.in ରେ ପ୍ରକାଶନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

## ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଟ୍ରାଫିକ୍ ଗେଟ୍ ନିକଟରେ ଥିବା ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ସନ୍ଦର୍ଭ ଓ ସର୍ତ୍ତାବଳୀ (ଟର୍ମସ୍ ଆଣ୍ଡ ରେଫରେନ୍ସ୍)

ରାଉରକେଲା ମହାନଗର ନିଗମ ଦ୍ୱାରା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଟ୍ରାଫିକ୍ ଗେଟ୍ ନିକଟରେ ଥିବା ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ବିଧିବଦ୍ଧ ସ୍ଥିର କରାଯାଇ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରାଯାଉଛି।

୧. ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ର ଶେଷ ତାରିଖ .୦୩-୦୯-୨୦୨୩..... ଓ ସମୟ **ଅପରାହ୍ନ ୪ ଘଟିକା** ଧାର୍ଯ୍ୟ ହୋଇଛି ଓ ଟେକ୍ନିକାଲ୍ ବିଡ୍ ରାଉରକେଲା ମହାନଗର ନିଗମ ସଭାଗୃହରେ ତା .୦୩-୦୯-୨୦୨୩ ସମୟ **ଅପରାହ୍ନ ୪.୩୦ ଘଟିକା** ରେ ଖୋଲାଯିବ ବୋଲି ସ୍ଥିର କରାଯାଇଛି।

୨. ଏଥି ନିମନ୍ତେ ଆଗ୍ରହୀ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ର ସମସ୍ତ ଦସ୍ତାବିଜ୍ **ରାଉରକେଲା ମହାନଗର ନିଗମ ୱେବ୍ ସାଇଟ୍** (www.rmc.nic.in) ରୁ ଡାଉନଲୋଡ୍ କରିପାରିବେ।

୩. ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଦାଖଲ କରିବାର ଶେଷ ତାରିଖ ଠାରୁ **୯୦ ଦିନ** ପର୍ଯ୍ୟନ୍ତ ବୈଧ ରହିବ।

୪. ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଖୋଲାଯିବା ସମୟରେ ବିଡ୍ ରେ ଅଂଶଗ୍ରହଣ କରିଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି ଉପସ୍ଥିତ ରହିବେ। ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିଙ୍କ ଅନୁପସ୍ଥିତିରେ କମିଟି ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ (ଇ.ଓ.ଆଇ) କୁ ଖୋଲି ପାରିବେ।

୫. ଏହି ଉଦ୍ଦେଶ୍ୟରେ ଗଠିତ ଏକ କମିଟି ଦ୍ୱାରା ବିଭିନ୍ନ ପରିମାପକ ଯଥା ଗୋଷ୍ଠୀ ଗଠନର ବର୍ଷ, ଗୋଷ୍ଠୀର ପରିଚାଳନା, ପ୍ୟାନ୍, ଆୟକାରୀ କାର୍ଯ୍ୟବିଧିରେ ଅଂଶଗ୍ରହଣ, ଆର୍ଥିକ ବ୍ୟବହାର, ଦଳଗତ ନିଷ୍ଠା ଓ ସାଧୁତା ଏବଂ ଯୋଗ୍ୟତା ଭିତ୍ତିରେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମୂଲ୍ୟାୟନ କରାଯିବ ଏବଂ ଏ ସମ୍ପର୍କରେ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଗ୍ରହଣ କରାଯିବ।

୬. ବିଡ୍ ରେ ଅଂଶଗ୍ରହଣ କରିଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପୂର୍ବ ରେକର୍ଡ଼ ତଥା ବିଶ୍ୱସନୀୟତା ରେ ଅସନ୍ତୋଷ କ୍ଷେତ୍ରରେ ରାଉରକେଲା ମହାନଗର ନିଗମର ପ୍ରତିନିଧି ରୂପେ ଆୟୁକ୍ତ ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବିଡ୍ ଆବେଦନ ଖାରଜ କରି ପାରିବେ।

୭. କମିଟିର ନିଷ୍ପତ୍ତି ସମ୍ପର୍କରେ କୌଣସି ଅଭିଯୋଗ ଟେଲିଫୋନ୍ ,ଫ୍ୟାକ୍ସ, ଇ ମେଲ୍ ଅଥବା ବ୍ୟକ୍ତିଗତ ସାକ୍ଷାତରେ ଗ୍ରହଣୀୟ ହେବନାହିଁ ।

୮. ସେବାର ଗୁଣବତ୍ତା ସଂକ୍ରାନ୍ତ ରେ କୌଣସି ବିବାଦ ଉପୁଜିଲେ ରାଉରକେଲା ମହାନଗର ନିଗମର ପ୍ରାଧିକୃତ କର୍ମକର୍ତ୍ତାଙ୍କ ଦ୍ୱାରା ଯାଞ୍ଚ କରାଯିବ।

୯. ଅଗ୍ରୀମ ଅର୍ଥ ପ୍ରଦାନ ଅଥବା ସମୟ ସୀମା ନେଇ କୌଣସି ପ୍ରାକ୍ ସର୍ତ୍ତାବଳୀ ରହିବନାହିଁ। କୌଣସି ପ୍ରାକ୍ ସର୍ତ୍ତାବଳୀ ବିନା ପ୍ରଦତ୍ତ ବିଡ୍ କୁ ଚୂଡ଼ାନ୍ତ ରୂପେ ଗ୍ରହଣ କରାଯିବ।

୧୦. ଟ୍ରାଫିକ୍ ଗେଟ୍ ନିକଟରେ ଥିବା ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ବିଡ୍ ରେ ପ୍ରଦତ୍ତ ଅବଧି ପରବର୍ତ୍ତୀ ଏକ ବର୍ଷ ନିମନ୍ତେ ତାଲିକାଭୁକ୍ତ (ଏମ୍ପ୍ୟାନେଲ୍ଡ଼) ରହିବେ । ରାଉରକେଲା ମହାନଗର ନିଗମ ଦ୍ୱାରା ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମୂଲ୍ୟାୟନ ସନ୍ତୋଷଜନକ ହେଲେ ହିଁ ଚୁକ୍ତିର ଅବଧି ସମ୍ପ୍ରସାରିତ ହେବ।

୧୧. କେବଳ ଯୋଗ୍ୟ ବିବେଚିତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉପରୋକ୍ତ ଦାୟିତ୍ୱ ତୁଲାଇବାକୁ ଦିଆଯିବ।

**୧୨ . ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଯୋଗ୍ୟତା ପରିମାପକ**

| କ୍ର. ସଂ. | ମାନଦଣ୍ଡ | ଯୋଗ୍ୟତା ପରିମାପକ |
|---|---|---|
| ୧. | ଗୋଷ୍ଠୀ ଗଠନ | ୦୧. ୦୪. ୨୦୨୧ ସୁଦ୍ଧା ଗଠିତ ହୋଇଥିବ । |

| | | |
|---|---|---|
| ୨. | ଗୋଷ୍ଠୀ ପରିଚାଳନା | ପଞ୍ଚ ସୂତ୍ରର କଠୋର ଅନୁପାଳନ କରାଯିବ<br>(ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ବା ରେକର୍ଡ଼ ରଖିବା ଇତ୍ୟାଦି) |
| ୩. | ଆୟକାରୀ କାର୍ଯ୍ୟବିଧି | ମିଶନ୍ ଶକ୍ତି ଗୋଷ୍ଠୀ ପୂର୍ବରୁ ଆୟକାରୀ କାର୍ଯ୍ୟବିଧିରେ ଅଂଶଗ୍ରହଣ କରିଥିବେ। |
| ୪. | ଆର୍ଥିକ ବ୍ୟବହାର | କୌଣସି ଆର୍ଥିକ ଅନିୟମିତତା ଯଥା (ଋଣ ଏନ୍.ପି.ଏ, ରାଇଟ୍ ଅଫ୍ କିମ୍ବା ୱାନ୍ ଟାଇମ୍ ସେଟଲମେଣ୍ଟ ଘୋଷିତ ହୋଇନଥିବ) |
| ୫. | ଦଳଗତ ନିଷ୍ଠା ଓ ସାଧୁତା | କୌଣସି ଅସାମାଜିକ କାର୍ଯ୍ୟ ଅଥବା ଅପରାଧରେ ଜଡ଼ିତ ନଥିବେ। |
| ୬. | ଅବସ୍ଥିତି | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଅବସ୍ଥିତି ପାର୍କିଂ ସ୍ଥାନର ନିକଟବର୍ତ୍ତୀ ଅଞ୍ଚଳରେ ହୋଇଥିବା ଆବଶ୍ୟକ । |

## ୧୩. କର୍ମ ନିଯୋଜନ ସର୍ତ୍ତାବଳୀ

କ) ପାର୍କିଂ ସ୍ଥାନର କ୍ରିୟାଶୀଳତା ଉଦ୍ଦେଶ୍ୟରେ ଗୋଷ୍ଠୀ ସହଭାଗିତା ନିମନ୍ତେ ପ୍ରୋତ୍ସାହନ ପ୍ରଦାନ ପୂର୍ବକ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ୱେଚ୍ଛାକୃତ ଭିତ୍ତିରେ ନିୟୋଜିତ କରାଯିବ।

ଖ) ରାଉରକେଲା ମହାନଗର ନିଗମ, ଚୟନ କରାଯାଇଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସହ ବୁଝାମଣା ପତ୍ର (ଏମ୍.ଓ.ୟୁ) ସ୍ୱାକ୍ଷର କରିବେ।

ଗ) ସ୍ୱାକ୍ଷରିତ ବୁଝାମଣା ଜ୍ଞାପନ ପତ୍ର **(ମେମୋରାଣ୍ଡମ୍ ଅଫ୍ ଅଣ୍ଡରଷ୍ଟାଣ୍ଡିଂ)**ର ସର୍ତ୍ତାବଳୀ ରେ ନିର୍ଦ୍ଦିଷ୍ଟ ଅବଧି ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜିତ କରାଯିବ

ଘ) ଚୟନ କରାଯାଇଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କୁ ରାଉରକେଲା ମହାନଗର ନିଗମ ଆବଶ୍ୟକୀୟ ପ୍ରଶିକ୍ଷଣ ଦିଆଯିବ।

## ୧୪. ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଦାୟିତ୍ୱ ଓ ଭୂମିକା

କ) ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ କର୍ମଚାରୀ ନିୟୋଜନ କରାଇବା ।

ଖ) ପାର୍କିଂ ସ୍ଥାନରେ ଗାଡି ମାଲିକ ମାନଙ୍କ ଠାରୁ ରାଉରକେଲା ମହାନଗର ନିଗମ ଦ୍ୱାରା **ଧାର୍ଯ୍ୟ ପାର୍କିଂ ଦେୟ** ସଂଗ୍ରହ କରିବେ।

ଗ) ପ୍ରତ୍ୟେକ ଦିନ ସଂଗ୍ରହ ହେଉଥିବା ପାର୍କିଂ ଦେୟ ବାବଦରେ ସୂଚନା ଦେବା ସହିତ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ସଂଗୃହିତ ରାଶି ଜମା କରିବା ।

ଘ) ପାର୍କିଂ ସ୍ଥାନର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଫୁଲ ଗଛ ରୋପଣ କରିବା ଓ ନିୟମିତ ସଫେଇ କରିବା ।

ଙ) ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ସହ ଏହାର ପରିସର ମଧ୍ୟରେ ଥିବା ସମସ୍ତ ଉପଯୋଗୀ ଉପକରଣର ଯଥାର୍ଥ ରୂପେ ତଦାରଖ କରିବା ।

ଚ) ପାର୍କିଂ ସ୍ଥାନ ନିକଟବର୍ତ୍ତୀ ଅଞ୍ଚଳରେ ବେଆଇନ ପାର୍କିଂ ବାବଦରେ ସୂଚନା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଦେବା ।

ଛ) ପାର୍କିଂ ସ୍ଥାନ ସମ୍ପର୍କୀୟ ଆର୍ଥିକ ଲେଣଦେଣ ରେକର୍ଡ଼ କରିବା ପାଇଁ ସଠିକ୍ କ୍ୟାଶ୍ ବୁକ୍ ପରିଚାଳନା କରିବା ।

ଜ) ପାର୍କିଂ ସ୍ଥାନକୁ ଆସୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ସହିତ ଉତ୍ତମ ବ୍ୟବହାର ଦେଖାଇବା ।

ଝ) ରାଉରକେଲା ମହାନଗର ନିଗମ ଦ୍ୱାରା ନ୍ୟସ୍ତ ଅନ୍ୟ ଯେକୌଣସି ଦାୟିତ୍ୱ ନିର୍ବାହ କରିବା ।

ଞ) ପାର୍କିଂ ସ୍ଥାନରେ କର୍ମଚାରୀଙ୍କ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଆସବାବ ପତ୍ର ଯୋଗାଇବା ।

## ୧୫. କର୍ମଚାରୀ ନିୟୋଜନ

ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ନିମ୍ନଲିଖିତ କର୍ମଚାରୀ ନିୟୋଜନ କରାଇବେ ।

| କ୍ର: ସଂ: | କର୍ମଚାରୀ ପ୍ରକାର | ସଂଖ୍ୟା |
|---|---|---|
| ୧ | ସିକ୍ୟୁରିଟି ଗାର୍ଡ କମ୍ ୟୁଜର୍-ଫି କଲେକ୍ଟର | ୩ |
| ୨ | ପାର୍କିଂ ସୁପରଭାଇଜର୍ | ୧ |

| | |
|---|---|
| **ସମୁଦାୟ** | **୪ ଜଣ** |

**୧୬. ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମାସିକ ପ୍ରୋତ୍ସାହନ ଅର୍ଥ ରାଶି ଓ ଦେୟ ପ୍ରଦାନ**

| କ୍ର: ସଂ: | କର୍ମଚାରୀ ପ୍ରକାର | ସଂଖ୍ୟା | ମାସିକ ଦେୟ (ଟଙ୍କା) | ସମୁଦାୟ |
|---|---|---|---|---|
| ୧ | ସିକ୍ୟୁରିଟି ଗାର୍ଡ କମ୍ ୟୁଜର୍-ଫି କଲେକ୍ଟର | ୩ | ୧୦,୦୦୦ | ୩୦,୦୦୦ |
| ୨ | ପାର୍କିଂ ସୁପରଭାଇଜର୍ | ୧ | ୧୪,୦୦୦ | ୧୪,୦୦୦ |
| ୩ | ଅଫିସ୍ ଷ୍ଟେସନାରୀ ଓ ପରିମଳ ସାମଗ୍ରୀ ବାବଦରେ | | | ୧୫୪୫ |
| **ସମୁଦାୟ** | | **୪ ଜଣ** | | **୪୫,୪୫୫** |
| ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସେବା ଶୁଳ୍କ (୧୦%) | | | | ୪,୫୪୫ |
| **ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମାସିକ ସର୍ବମୋଟ ପ୍ରାପ୍ୟ** | | | | **୫୦,୦୦୦** |

**ବିଶେଷ ଦ୍ରଷ୍ଟବ୍ୟ:** ଆବଶ୍ୟକ ସ୍ଥଳେ ରାଉରକେଲା ମହାନଗର ନିଗମ କର୍ମଚାରୀ ସଂଖ୍ୟା ହ୍ରାସ କିମ୍ବା ବୃଦ୍ଧି କରିପାରନ୍ତି ।

## ୧୭. ପାର୍କିଂରେ ନିୟୋଜିତ କର୍ମଚାରୀଙ୍କ ଭୂମିକା

**ସିକ୍ୟୁରିଟି ଗାର୍ଡ କମ୍ ୟୁଜର୍-ଫି କଲେକ୍ଟର:** ପାର୍କିଂ ସୁପରଭାଇଜର୍ ଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ କାର୍ଯ୍ୟ କରିବା । ପାର୍କିଂ ସ୍ଥାନରେ ଗାଡି ମାଲିକ ମାନଙ୍କ ଠାରୁ ରାଉରକେଲା ମହାନଗର ନିଗମ ଦ୍ୱାରା **ଧାର୍ଯ୍ୟ ପାର୍କିଂ ଦେୟ** ସଂଗ୍ରହ କରିବା ଓ ରସିଦ୍ ପ୍ରଦାନ କରିବା । ପାର୍କିଂ ସ୍ଥାନର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଫୁଲ ଗଛ ରୋପଣ କରିବା ଓ ନିୟମିତ ସଫେଇ କରିବା । ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ସହ ଏହାର ପରିସର ମଧ୍ୟରେ ଥିବା ସମସ୍ତ ଉପଯୋଗୀ ଉପକରଣର ଯଥାର୍ଥ ରୂପେ ତଦାରଖ କରିବା । ପାର୍କିଂ ସ୍ଥାନକୁ ଆସୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ସହିତ ଉତ୍ତମ ବ୍ୟବହାର ଦେଖାଇବା ।

**ପାର୍କିଂ ସୁପରଭାଇଜର୍:** ପ୍ରତ୍ୟେକ ଦିନ ସଂଗ୍ରହ ହେଉଥିବା ପାର୍କିଂ ଦେୟ ବାବଦରେ ସୂଚନା ଦେବା ସହିତ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ସଂଗୃହିତ ରାଶି ଜମା କରିବା । ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ସହ ଏହାର ପରିସର ମଧ୍ୟରେ ଥିବା ସମସ୍ତ ଉପଯୋଗୀ ଉପକରଣର ଯଥାର୍ଥ ରୂପେ ତଦାରଖ କରିବା । ପାର୍କିଂ ସ୍ଥାନ ନିକଟବର୍ତ୍ତୀ ଅଞ୍ଚଳରେ ବେଆଇନ ପାର୍କିଂ ବାବଦରେ ସୂଚନା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଦେବା । ପାର୍କିଂ ସ୍ଥାନ ସମ୍ପର୍କୀୟ ଆର୍ଥିକ ଲେଣଦେଣ ରେକର୍ଡ଼ କରିବା ପାଇଁ ସଠିକ୍ କ୍ୟାଶ୍ ବୁକ୍ ପରିଚାଳନା କରିବା । ପାର୍କିଂ ସ୍ଥାନକୁ ଆସୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ସହିତ ଉତ୍ତମ ବ୍ୟବହାର ଦେଖାଇବା । ରାଉରକେଲା ମହାନଗର ନିଗମ ଦ୍ୱାରା ନ୍ୟସ୍ତ ଅନ୍ୟ ଯେକୌଣସି ଦାୟିତ୍ୱ ନିର୍ବାହ କରିବା ।

## ୧୮. କେଉଁ ମିଶନ୍ ଶକ୍ତି ଗୋଷ୍ଠୀ ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ୍ ପ୍ରଦାନ କରି ପାରିବେ ନାହିଁ ?

ଆହାର, ଛତୁଆ ପ୍ରସ୍ତୁତି ତଥା ମଳ ଉପଚାର କେନ୍ଦ୍ର ଭଳି ସ୍ଥାୟୀ ଆୟ ସୃଷ୍ଟିକାରୀ ଗୋଷ୍ଠୀଗତ କାର୍ଯ୍ୟକଳାପରେ ଲିପ୍ତ ଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଏ କ୍ଷେତ୍ରରେ ଅଭିବ୍ୟକ୍ତି ପ୍ରକାଶନ ବା ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ୍ ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ।

## ୧୯. ଆବେଦନ ପତ୍ର

ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ଆବେଦନ ପତ୍ର ପରିଶିଷ୍ଟ-କ, ଖ, ଗ, ଓ ଘ ରେ ଦିଆଗଲା । ଇଚ୍ଛୁକ ମିଶନ୍ ଶକ୍ତି ଗୋଷ୍ଠୀ ୪ ଗୋଟି ପରିଶିଷ୍ଟ ଓ ଆବଶ୍ୟକୀୟ କାଗଜାତ ସହିତ ପାର୍କିଂ ସ୍ଥାନର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ଆବେଦନ କରିପାରିବେ ।

## ୨୦. ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର :

ଏହି ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ୍ ନୋଟିସ୍ ରେ ଥିବା କୌଣସି ଜିନିଷକୁ ଖାତିର ନକରି କୌଣସି କାରଣ ନଦେଇ, ରାଉରକେଲା ମହାନଗର ନିଗମ ଯେକୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବ ଏବଂ ଏହି ଚୟନ ପ୍ରକ୍ରିୟାକୁ ମଧ୍ୟ ବାତିଲ କରିପାରିବ ଏବଂ ସମସ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ ମଧ୍ୟ କରିପାରିବ । ନଗର ନିଗମର ମଧ୍ୟ ନିମ୍ନଲିଖିତ କାରଣ ପାଇଁ, ଯେକୌଣସି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ଅଛି:

- ଯଦି ପ୍ରସ୍ତାବରେ କୌଣସି ବିଷୟରେ ଭୁଲ ଉପସ୍ଥାପନା କରାଯିବାର ଜଣା ପଡିବ,
- ଯଦି ସ୍ୱୟଂ ସହାୟକ ଗୋଷ୍ଠୀ ପର୍ଯ୍ୟାପ୍ତ ସୂଚନା ଦାଖଲ କରି ନ ଥିବ ।

# <u>ପରିଶିଷ୍ଟ-କ</u>

**ପ୍ରାପ୍ତେଷୁ,**

**ଆୟୁକ୍ତ,**

**ରାଉରକେଲା ମହାନଗର ନିଗମ, ରାଉରକେଲା**

**ବିଷୟ:** ............................................ ଠାରେ ଥିବା ପାର୍କିଂ ସ୍ଥାନର **ରକ୍ଷଣାବେକ୍ଷଣ ଓ ପରିଚାଳନା** ନିମନ୍ତେ ଆବେଦନ ।

ମହାଶୟ,

ଏତଦ୍ୱାରା ଆପଣଙ୍କୁ ଜଣାଇ ଦେଉଛୁ କି, ଆମ୍ଭେ ____________________________ସ୍ୱୟଂ ସହାୟକ ଗୋଷ୍ଠୀ, ଠିକଣା:____________________________________________________________, ୱାର୍ଡ ସଂଖ୍ୟା:________, ରାଉରକେଲା; ____________________________________________ ଠାରେ ଥିବା ପାର୍କିଂ ସ୍ଥାନର **ରକ୍ଷଣାବେକ୍ଷଣ ଓ ପରିଚାଳନା** ଦାୟିତ୍ୱ ନେବା ପାଇଁ ଇଚ୍ଛୁକ ଅଟୁ । ଏହା ପାଇଁ ଆବଶ୍ୟକ ସମସ୍ତ ଦସ୍ତାବିଜ ଆମ୍ଭେ ଏହି ଦରଖାସ୍ତ ସହିତ ସଂଲଗ୍ନ କରିଅଛୁ ।

**ସଙ୍କଳ୍ପନାମା:** ଆମ୍ଭେ ଘୋଷଣା କରୁଅଛୁକି ପ୍ରସ୍ତାବରେ ଦିଆଯାଇଥିବା ସମସ୍ତ ତଥ୍ୟ/ବିବୃତ୍ତି ନିର୍ଭୁଲ ଅଟେ । ଯଦି କୌଣସି ତଥ୍ୟ ଭୁଲ ପ୍ରମାଣିତ ହୁଏ, ତାହେଲେ ଆମ୍ଭେ ପାର୍କିଂ ସ୍ଥାନର ପରିଚାଳନା ପାଇଁ ଅଯୋଗ୍ୟ ବିବେଚିତ ହେବୁ ।

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:** **ସମ୍ପାଦିକାଙ୍କ ମୋହର**

**ସହିତ ସ୍ୱାକ୍ଷର:**

**ତାରିଖ:**

# <u>ପରିଶିଷ୍ଟ-ଖ</u>

## ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଦିଆଯାଇଥିବା ଥିବା ଦସ୍ତାବିଜର ସବିଶେଷ ତଥ୍ୟ :

## (ଟେକ୍ନିକାଲ୍ ବିଡ୍)

| କ୍ର: ସଂ: | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| ୧ | ପରିଶିଷ୍ଟ-କ | ୧ |
| ୨ | ପରିଶିଷ୍ଟ-ଖ | ୨ |
| ୩ | ପରିଶିଷ୍ଟ-ଗ | ୩ |
| ୪ | ପରିଶିଷ୍ଟ-ଘ | ୪ |
| ୫ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ରେଜିଷ୍ଟ୍ରେସନ୍ ନମ୍ବର/ ପଞ୍ଜୀକରଣ ପ୍ରମାଣପତ୍ର | ୫ |
| ୬ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ | ୬ |
| ୭ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ଅଧିବେଶନ ବିବରଣୀ | |
| ୮ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ବହିର ନକଲ (ପ୍ରଥମ ପୃଷ୍ଠାର ନକଲ): | |
| ୯ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକ ବିବରଣୀର ନକଲ (ଶେଷ ୬ ମାସର ଯଥା; ଜୁନ୍ ୨୦୨୨ ରୁ ନଭେମ୍ବର ୨୦୨୨ ପର୍ଯ୍ୟନ୍ତ) | |
| ୧୦ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟମେଣ୍ଟ (୦୧-୦୪-୨୦୨୧ ରୁ ଏବେ ପର୍ଯ୍ୟନ୍ତ) | |
| ୧୧ | ପ୍ୟାନ୍ କାର୍ଡର ନକଲ | |
| ୧୨ | | |

- **ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଦିଆଯାଇଥିବା ଦସ୍ତାବିଜର ସମୁଦାୟ ପୃଷ୍ଠା ସଂଖ୍ୟା__________**
- **ସମସ୍ତ ପୃଷ୍ଠାରେ ପୃଷ୍ଠା ସଂଖ୍ୟା ରହିବା ଜରୁରୀ ଅଟେ ।**

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:**

**ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:**

# <u>ପରିଶିଷ୍ଟ-ଗ</u>

## ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବିସ୍ତୃତ ବିବରଣୀ:

| କ୍ର: ସଂ: | ବିଷୟ | ସବିଶେଷ ତଥ୍ୟ |
|---|---|---|
| ୧ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ନାମ : | |
| ୨ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଠିକଣା ଓ ୱାର୍ଡ ସଂଖ୍ୟା : | |
| ୩ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ତାରିଖ: | |
| ୪ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ରେଜିଷ୍ଟ୍ରେସନ୍ ନମ୍ବର: | |
| ୫ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତିଙ୍କର ନାମ ଓ ମୋବାଇଲ ନମ୍ବର: | |
| ୬ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକାଙ୍କର ନାମ ଓ ମୋବାଇଲ ନମ୍ବର: | |
| ୭ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ୟାନ୍ ନମ୍ବର: | |
| ୮ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର କେଉଁ ବ୍ୟାଙ୍କରେ ସଞ୍ଚୟ ଖାତା ଅଛି : | |
| ୯ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ସଞ୍ଚୟ ଖାତା ନମ୍ବର : | |
| ୧୦ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର କେତେଜଣ ସଦସ୍ୟାଙ୍କର NFSA Ration କାର୍ଡ ଅଛି? | |
| ୧୧ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଜଡିତ ଥିବା ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଗୁଡିକର ନାମ | |

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:** **ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:**

# ପରିଶିଷ୍ଟ-ଘ

## ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କର ବିସ୍ତୃତ ବିବରଣୀ:

| କ୍ର: ସଂ: | ସଦସ୍ୟାଙ୍କର ନାମ | ବୟସ | ସ୍ୱୟଂ ସହାୟକ ଗୋଷ୍ଠୀ ରେ ଥିବା ପଦବୀ (ସଭାନେତ୍ରୀ/ସମ୍ପାଦିକା/ସଦସ୍ୟା) | NFSA କାର୍ଡ ସଂଖ୍ୟା | ମୋବାଇଲ ନମ୍ବର |
|---|---|---|---|---|---|
| ୧ | | | | | |
| ୨ | | | | | |
| ୩ | | | | | |
| ୪ | | | | | |
| ୫ | | | | | |
| ୬ | | | | | |
| ୭ | | | | | |
| ୮ | | | | | |
| ୯ | | | | | |
| ୧୦ | | | | | |
| ୧୧ | | | | | |
| ୧୨ | | | | | |

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:**

**ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:**